1964
*ଫେବୃୟାରୀ* 14

ଏସ୍. ଏମ୍. କରିମ

*ବନାମ*

ଏମ୍ ଏସ୍ ଟି ବିବି ସକିନା

(ଏମ୍. ହିଦାୟତୁଲ୍ଲା ଏବଂ ରଘୁବର ଦୟାଲ, ନ୍ୟାୟମୂର୍ତ୍ତିଦ୍ୱୟ)

*ବେନାମୀ କାରବାର - ଧାରା* 66 *ଅଧୀନରେ ସୁରକ୍ଷା - ଅନ୍ତରଣଗ୍ରାହୀଙ୍କ ପାଇଁ ଉପଲବ୍ଧ ଥାଏ କି - ଉପ-ଧାରା* (2) *ଋଣଦାତାମାନଙ୍କ ପାଇଁ ପ୍ରଯୁଜ୍ୟ - ବିରୁଦ୍ଧ ଦଖଲ ନିମନ୍ତେ ମକଦ୍ଦମା, ହୋଇପାରିବ କି - ଦେୱାନୀ ପ୍ରକ୍ରିୟା ସଂହିତା,* 1908 (1908*ର ଅଧିନିୟମ 5), ଧାରା* 66

ଆବେଦନକାରୀ K ଏହି ଅଭିଯୋଗ କରି କେତେକ ସମ୍ପତ୍ତିକୁ ଦାବି କରିଥିଲେ ଯେ ସେ ଏହାକୁ ଜଣେ A ଙ୍କଠାରୁ କିଣିଥିଲେ, ଯିଏକି ଉକ୍ତ ସମ୍ପତ୍ତିକୁ ଜଣେ H ନାମରେ *ବେନାମୀ* ଭାବେ କିଣିଥିଲେ, ଏବଂ H ଏହାକୁ ଉତ୍ତରଦାତା Sଙ୍କୁ ବିକ୍ରି କରିଥିଲେ ।

*ଏହା ନିର୍ଣ୍ଣୟ ହୋଇଥିଲା ଯେ:* (i) ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 66ରେ ଉଲ୍ଲେଖ କରାଯାଇଥିବା ସୁରକ୍ଷା କେବଳ ସ୍ୱୀକୃତିପ୍ରାପ୍ତ କ୍ରେତାଙ୍କ ବିରୋଧରେ ନୁହେଁ ବରଂ ତାଙ୍କ ମାଧ୍ୟମରେ ଦାବି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ରହିଛି ଏବଂ ଏହି ଦାବି ଉପରେ ଧାରା 66 ପ୍ରତିବନ୍ଧକ ଲଗାଇଛି ।

ଦ୍ୱିତୀୟ ଉପ-ଧାରାରେ ଋଣଦାତାଙ୍କ ଦାବିକୁ ଉଲ୍ଲେଖ କରାଯାଇଛି, ଅନ୍ତରଣଗ୍ରାହୀଙ୍କ ଦାବିକୁ ନୁହେଁ, ଯାହାକୁ ପ୍ରଥମ ଉପ-ଧାରାରେ ବର୍ଣ୍ଣନା କରାଯାଇଛି ।

(ii) ତମାଦି ଅଧିନିୟମ ଅନୁଯାୟୀ ଯଦି ପ୍ରକୃତ ମାଲିକଙ୍କ ଦଖଲ ସ୍ୱତ୍ୱରେ ପରିଣତ ହୁଏ ଏବଂ ତାଙ୍କୁ ବେଦଖଲ କରାଯାଏ, ତେବେ ସେ ଦଖଲ ପାଇବା ନିମନ୍ତେ ମକଦ୍ଦମା କରିପାରିବେ, କାରଣ ସେତେବେଳେ ସେ କାରବାରର *ବେନାମୀ* ପ୍ରକୃତି ଉପରେ ନିର୍ଭର କରିନଥାନ୍ତି । କିନ୍ତୁ ବିକଳ୍ପ ଦାବିକୁ ସ୍ପଷ୍ଟ ଭାବେ ଉପସ୍ଥାପନ ଏବଂ ପ୍ରମାଣିତ କରାଯିବା ଆବଶ୍ୟକ । ନିରନ୍ତରତା, ପ୍ରଚାର ଏବଂ ବ୍ୟାପକତାରେ ବିରୁଦ୍ଧ ଦଖଲ ପର୍ଯ୍ୟାପ୍ତ ହୋଇଥିବା ଆବଶ୍ୟକ ଏବଂ ଦଖଲ କେତେବେଳେ ବିରୁଦ୍ଧ ହୁଏ ତାହା ଦର୍ଶାଇବାକୁ ଅତିକମରେ ଏକ ପ୍ରାର୍ଥନା କରିବା ଆବଶ୍ୟକ ଅଟେ ଯାହାଫଳରେ ପ୍ରଭାବିତ ପକ୍ଷଙ୍କ ବିରୁଦ୍ଧରେ ତମାଦି ସୀମାର ପ୍ରାରମ୍ଭିକ ପ୍ରସଙ୍ଗ ମିଳିପାରିବ ।

*ସୁକନ* ବନାମ *କୃଷ୍ଣାନନ୍ଦ,* I.L.R. 32 Pat. 352, *ଶ୍ରୀ ଭଗବାନ ସିଂହ* ବନାମ *ରାମ ବାସି କୁଏର,* A.I.R. 1957 Pat 157 ଏବଂ *ବିଷ୍ଣୁନ ଦୟାଲ* ବନାମ *କେଶୋ ପ୍ରସାଦ,* A.I.R. 1940 P.C. 202 ର ଉଲ୍ଲେଖ କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 647/1962 ।

1964 *ଏସ୍. ଏମ୍. କରିମ* ବନାମ *ବିବି ସକିନା*

*ନ୍ୟାୟାଧୀଶ ହିଦାୟତୁଲ୍ଲା*

ଆବେଦନ ଡିକ୍ରି ସଂଖ୍ୟା 642/1957ରୁ ହୋଇଥିବା ଅପିଲରେ ପାଟନା ଉଚ୍ଚ ନ୍ୟାୟଳୟଙ୍କ ଡିସେମ୍ବର 3,1959 ର ରାୟ ଏବଂ ଡିକ୍ରିରୁ ବିଶେଷ ଅନୁମତି ଦ୍ୱାରା ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ *ଏସ୍. ପି. ବର୍ମା* ।

ଉତ୍ତରଦାତାଙ୍କ ପକ୍ଷରୁ *ଏସ୍. ପି. ସିହ୍ନା, ଶାହଜାଦି ମୋହିଉଦ୍ଦିନ୍* ଏବଂ *ଶୌକତ ହୁସେନ୍* ।

ଫେବୃଆରୀ 14, 1964 । ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ହିଦାୟତୁଲ୍ଲା

ନ୍ୟାୟାଧୀଶ ହିଦାୟତୁଲ୍ଲାଙ୍କ ଦ୍ୱାରା - ନିମ୍ନସ୍ଥ ଦୁଇଟି ନ୍ୟାୟାଳୟର ସମବର୍ତ୍ତୀ ରାୟକୁ ଓଲଟାଇ ଏବଂ ଆବେଦନକାରୀଙ୍କ ମକଦ୍ଦମାକୁ ଖାରଜ କରିବାକୁ ଆଦେଶ ଦେଇଥିବା ପାଟନା ଉଚ୍ଚ ନ୍ୟାୟାଳୟର ରାୟ ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏହା ଏକ ଆବେଦନ । ଆବେଦନକାରୀ ହେଉଛନ୍ତି ଜଣେ ସୟଦ ଔଲାଦ ଅଲ୍ଲୀଙ୍କ ପୁଅ ସୟଦ ଏମ. କରିମ ଏବଂ ଉତ୍ତରଦାତା Mst. ବିବି ସକିନା (ପ୍ରତିବାଦୀ ସଂଖ୍ୟା 11) ହେଉଛନ୍ତି ସୟଦ ଔଲାଦ ଅଲ୍ଲୀଙ୍କ ଜ୍ୱାଇଁ ହାକିମ ଆଲମ (ପ୍ରତିବାଦୀ ସଂଖ୍ୟା 2)ଙ୍କର ବିବାଦୀୟ ସମ୍ପତ୍ତିର ଅନ୍ତରଣଗ୍ରାହୀ । ପ୍ରତି ବଦଳରେ, ଆବେଦନକାରୀ, ତାଙ୍କ ପିତା ସୟଦ ଔଲାଦ ଅଲ୍ଲୀଙ୍କ ଠାରୁ ଏହି ସମାନ ସମ୍ପତ୍ତିର ଅନ୍ତରଣଗ୍ରାହୀ ଅଟନ୍ତି ।

ଏହି ସମ୍ପତ୍ତି ଓ ଅନ୍ୟାନ୍ୟ ସମ୍ପତ୍ତି ସମ୍ବନ୍ଧରେ ଏକାଧିକ ପ୍ରତିବାଦୀଙ୍କ ବିରୁଦ୍ଧରେ ସ୍ୱତ୍ୱ ଘୋଷଣା ଏବଂ ଦଖଲର ନିଶ୍ଚିତକରଣ କିମ୍ବା ବିକଳ୍ପ ଭାବରେ ଏହାର ହସ୍ତାନ୍ତର ପାଇଁ ମକଦ୍ଦମା ଦାୟର କରାଯାଇଥିଲା । ଆମେ ଏହି ଆବେଦନରେ ଅନ୍ୟ ପ୍ରତିବାଦୀ କିମ୍ବା ଅନ୍ୟ ସମ୍ପତ୍ତି ସହିତ ଜଡ଼ିତ ନାହୁଁ । ଆବେଦନକାରୀଙ୍କ ମକଦ୍ଦମାର ଏହି ଅଂଶଟି ଏହି ଅଭିଯୋଗ ଉପରେ ଆଧାରିତ ଥିଲା ଯେ ଏକ ଅଦାଲତି ବିକ୍ରି ମାଧ୍ୟମରେ ସୟଦ ଔଲାଦ ଅଲ୍ଲୀ ମେ 28,1914 ମସିହାରେ ନିଜ ଜ୍ୱାଇଁ ହକିର ଆଲମଙ୍କ ନାମରେ *ବେନାମୀ* ରୂପେ ଏହି ବିବାଦୀୟ ସମ୍ପତ୍ତିକୁ କିଣିଥିଲେ । *ବେନାମୀ* କ୍ରୟ କରିବାର କାରଣ ଏହା ଥିଲା ଯେ ସୟଦ ଔଲାଦ ଅଲ୍ଲୀ ଯେଉଁ ଦରଭଙ୍ଗା ରାଜରେ କାର୍ଯ୍ୟରତ ଥିଲେ, ସେହି ରାଜର ନିୟମ ଅନୁଯାୟୀ, ନିର୍ଦ୍ଦିଷ୍ଟ ପଦବୀରେ କାର୍ଯ୍ୟରତ କେତେକ ବ୍ୟକ୍ତିଙ୍କୁ ଅଦାଲତି ବିକ୍ରିରେ କ୍ରୟ କରିବାକୁ ବାରଣ କରାଯାଇଥିଲା । ସେତେବେଳେ ସୟଦ ଔଲାଦ ଅଲ୍ଲୀଙ୍କ ସହ ରହୁଥିବା ହକିର ଆଲମଙ୍କ ନାମରେ ଏହି ବିକ୍ରି ପ୍ରମାଣପତ୍ର ଜାରି କରାଯାଇଥିଲା । ଜାନୁଆରୀ 6, 1950 ରେ, ସୟଦ ଔଲାଦ ଅଲ୍ଲୀ ଏହି ସମ୍ପତ୍ତିକୁ ବର୍ତ୍ତମାନର ଆବେଦନକାରୀ, ତାଙ୍କ ପୁଅଙ୍କୁ ବିକ୍ରି କରିଥିଲେ ଏବଂ ହକିର ଆଲାମ ଏହି ସମ୍ପତ୍ତିକୁ ବିବି ସକିନାଙ୍କୁ ବିକ୍ରି କରିଥିଲେ ଏବଂ ଉପରୋକ୍ତ ପ୍ରତିକାର ପାଇଁ ଏହି ମକଦ୍ଦମା ଦାୟର କରାଯାଇଥିଲା ।

ଏହି ଆବେଦନରେ, ଆବେଦନକାରୀଙ୍କ ଦ୍ୱାରା ଏହା ଗୁରୁତ୍ୱାରୋପ କରାଯାଇଛି ଯେ ଏହି ସିଦ୍ଧାନ୍ତ ଗୁଡ଼ିକ 1914 ର କାରବାରର *ବେନାମୀ* ପ୍ରକୃତିକୁ ସ୍ପଷ୍ଟ ଭାବେ ଦର୍ଶାଉଛି । ସମ୍ଭବତଃ ଏହା ସତ, କିନ୍ତୁ ଆବେଦନକାରୀ ଏହାର ସୁବିଧା ଉଠାଇ ପାରିବେ ନାହିଁ । ଆବେଦନକାରୀଙ୍କ ଦାବି, ଯାହା  କାରବାରର *ବେନାମୀ* ପ୍ରକୃତି ଉପରେ ଆଧାରିତ ଅଟେ, ତାହା ତିଷ୍ଠି ପାରିବ ନାହିଁ କାରଣ ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 66 ଏହାକୁ ବାରଣ କରେ । ସେହି ଧାରା ଅନୁସାରେ ଅଦାଲତ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ କ୍ରୟ ଅଧୀନରେ ଯିଏ ଏହି ଆଧାରରେ ସ୍ୱତ୍ୱ ଦାବି କରନ୍ତି ଯେ, ଉକ୍ତ କ୍ରୟ ବାଦୀଙ୍କ ତରଫରୁ କିମ୍ବା କୌଣସି ବ୍ୟକ୍ତିଙ୍କ ତରଫରୁ କରାଯାଇଥିଲା, ଯାହାଙ୍କ ମାଧ୍ୟମରେ ବାଦୀ ଦାବି କରିଥାନ୍ତି, ସେଭଳି କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ଚଳାଯିବ ନାହିଁ । ପୂର୍ବରୁ, ପ୍ରାରମ୍ଭିକ ଶବ୍ଦ ଏହା ଥିଲା ଯେ ଏକ ସ୍ୱୀକୃତିପ୍ରାପ୍ତ କ୍ରେତାଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା ଚାଲୁ ରଖାଯାଇପାରିବ ନାହିଁ, ଏବଂ କେବଳ ସ୍ୱୀକୃତିପ୍ରାପ୍ତ କ୍ରେତାଙ୍କୁ ନୁହେଁ ବରଂ ନ୍ୟାୟାଳୟ ଦ୍ୱାରା ସ୍ୱୀକୃତିପ୍ରାପ୍ତ କ୍ରୟ ଅଧୀନରେ କୌଣସି ସ୍ୱତ୍ୱ ଦାବି କରୁଥିବା ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ପାଇଁ ଏହି ପରିବର୍ତ୍ତନ କରାଯାଇଥିଲା । ତେଣୁ, କେବଳ ପ୍ରକୃତ କ୍ରେତାଙ୍କ ବିରୁଦ୍ଧରେ ନୁହେଁ ବରଂ ତାଙ୍କ ମାଧ୍ୟମରେ ଦାବି କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ମଧ୍ୟ ଏହି ସୁରକ୍ଷା ଉପଲବ୍ଧ । ବର୍ତ୍ତମାନର ମାମଲାରେ, ବାଦୀ ଭାବରେ ଥିବା ଆବେଦନକାରୀ ଏହି ଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ ଏବଂ ପ୍ରତିବାଦୀମାନେ ଏହାଦ୍ୱାରା ସୁରକ୍ଷିତ ଥିଲେ ।

ଯଦିଓ ପ୍ରଚ୍ଛନ୍ନଭାବରେ ଏହା ସ୍ୱୀକୃତିପ୍ରାପ୍ତ କ୍ରେତାଙ୍କୁ ବିକ୍ରୟ କରାଯାଇଛି, ଏହା ଯୁକ୍ତି କରାଯାଇଛି ଯେ ଏହି ମାମଲା ଦ୍ୱିତୀୟ ଉପଧାରା ଅଧୀନସ୍ଥ ଅଟେ, ଯାହା ଅଧୀନରେ ତୃତୀୟ ବ୍ୟକ୍ତିଙ୍କ ଅନୁରୋଧରେ ଏକ ମକଦ୍ଦମା ସମ୍ଭବ, ଯିଏ ସମ୍ପତ୍ତି ବିରୁଦ୍ଧରେ ଏହି ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାହାଁନ୍ତି ଯେ, ପ୍ରକୃତ ମାଲିକଙ୍କ ବିରୁଦ୍ଧରେ ଏହି ତୃତୀୟ ବ୍ୟକ୍ତିଙ୍କ ଦାବି ପୂରଣ କରିବା ପାଇଁ ଏହା ଦାୟୀ ଅଟନ୍ତି । ଆବେଦନକାରୀଙ୍କ ସପକ୍ଷରେ ସୟଦ ଔଲାଦ ଅଲ୍ଲୀଙ୍କ ହସ୍ତାନ୍ତର ଉପରେ ନିର୍ଭରଶୀଳତା ରଖାଯାଇଛି, ଯାହାକୁ ଅନ୍ତରଣଗ୍ରାହୀଙ୍କ ଦ୍ୱାରା ପ୍ରକୃତ ମାଲିକଙ୍କ ବିରୋଧରେ ଦାବି ଭାବରେ ବର୍ଣ୍ଣନା କରାଯାଇଛି । ଦ୍ୱିତୀୟ ଉପଧାରାର ଶବ୍ଦାବଳୀ ଅନ୍ତରଣଗ୍ରାହୀଙ୍କ ଦାବିକୁ ନୁହେଁ ବରଂ ଋଣଦାତାମାନଙ୍କର ଦାବିକୁ ସୂଚିତ କରେ । ପ୍ରଥମ ଉପଧାରାରେ ପରବର୍ତ୍ତୀ ବିଷୟ ଉପରେ ଆଲୋଚନା କରାଯାଇଛି, ଏବଂ ଦ୍ୱିତୀୟ ଉପଧାରାରେ ରଖିବାକୁ ଚାହୁଁଥିବା ଆବେଦନକାରୀଙ୍କ ଅର୍ଥକୁ ଯଦି ଗ୍ରହଣ କରାଯାଏ, ତେବେ ଅନ୍ୟଜଣକୁ ପ୍ରକୃତ କ୍ରେତା ହସ୍ତାନ୍ତର କରିବା ଦ୍ୱାରା ଆଇନର ସମ୍ପୂର୍ଣ୍ଣ ନୀତି ବିଫଳ ହୋଇଯିବ ଏବଂ ପ୍ରଥମ ଉପଧାରା ପ୍ରାୟ ଏକ ଅପ୍ରଚଳିତ ନିୟମରେ ପରିଣତ ହୋଇଯିବ । ଆମ ମତରେ, ଏପରି ଏକ ବିଧାନକୁ

1964
*ଏସ୍. ଏମ୍. କରିମ*
ବନାମ
*ବିବି ସକିନା*
*ନ୍ୟାୟାଧୀଶ ହିଦାୟତୁଲ୍ଲା*

ଗ୍ରହଣ କରାଯାଇପାରିବ ନାହିଁ ଏବଂ ସଂହିତାର ଧାରା 66 ଅନୁଯାୟୀ ବାଦୀଙ୍କର ମକଦ୍ଦମାକୁ ବାଧିତ ବୋଲି ବିବେଚନା କରାଯିବ ।

ବିକଳ୍ପ ଭାବେ, ଆମ ସମ୍ମୁଖରେ ଯୁକ୍ତି କରାଯାଇଥିଲା ଯେ ହକିର ଆଲାମର ସ୍ୱତ୍ୱକୁ ସୟଦ ଔଲାଦ ଅଲ୍ଲୀ ଏବଂ ତାଙ୍କ ପରେ ବାଦୀଙ୍କ ଦୀର୍ଘ ଏବଂ ନିରବଚ୍ଛିନ୍ନ ବିରୁଦ୍ଧ ଦଖଲ ଦ୍ୱାରା ନିଶ୍ଚିହ୍ନ କରିଦିଆଯାଇଥିଲା । ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ଗ୍ରହଣ କରିନଥିଲେ । ଅବଶ୍ୟ, ଯଦି ଜଣେ ବାଦୀଙ୍କର ଦଖଲରେ ବାଧା ସୃଷ୍ଟି ହୁଏ, ତେବେ ସେ ଏପରି ଏକ ମାମଲାକୁ ଉପସ୍ଥାପନ କରିପାରିବେ । ଯଦି ତମାଦି ଅଧିନିୟମ ଅନୁଯାୟୀ ପ୍ରକୃତ ମାଲିକଙ୍କ ଦଖଲ ସ୍ୱତ୍ୱରେ ପରିଣତ ହୋଇଥାଏ ଏବଂ ତାଙ୍କୁ ସମ୍ପତ୍ତିରୁ ବେଦଖଲ କରାଯାଏ, ତେବେ ସେ ଦଖଲ ପାଇବା ପାଇଁ ମକଦ୍ଦମା କରିପାରିବେ, କାରଣ ସେ ସେତେବେଳେ କାରବାରର *ବେନାମୀ* ପ୍ରକୃତି ଉପରେ ନିର୍ଭର କରିନଥାନ୍ତି । କିନ୍ତୁ ବିକଳ୍ପ ଦାବିକୁ ସ୍ପଷ୍ଟ ଭାବେ ଉପସ୍ଥାପିତ ଓ ପ୍ରମାଣିତ କରାଯିବା ଆବଶ୍ୟକ । ଏହି ମକଦ୍ଦମାରେ ବିରୁଦ୍ଧ ଦଖଲର ପ୍ରାର୍ଥନା ଉପସ୍ଥାପିତ ହୋଇନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଏବଂ ଦୁଇଟି ନିମ୍ନ ଅଦାଲତର ରାୟକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏଠାରେ ବିରୁଦ୍ଧ ଦଖଲର ବାହାନା ପ୍ରସଙ୍ଗକୁ ଉପସ୍ଥାପନ କରାଯାଇଛି । ଆମ ସମ୍ମୁଖରେ *ସୁକନ* ବନାମ *କୃଷ୍ଣାନନ୍ଦ*[1]ଏବଂ *ଶ୍ରୀ ଭଗବାନ ସିଂହ ଏବଂ ଅନ୍ୟମାନେ* ବନାମ *ରାମ ବାସି ଏବଂ ଅନ୍ୟମାନେ*[2]ଉପରେ ନିର୍ଭରଶୀଳତା ରଖାଯାଇଛି ଯାହା ଦ୍ୱାରା ନିବେଦନ କରାଯାଇଛି ଯେ ଏପରି ଏକ ଆବେଦନର ଆବଶ୍ୟକତା ନାହିଁ ଏବଂ ବିକଳ୍ପ ଭାବରେ, ଯଦି ଏକ ଆବେଦନ ଆବଶ୍ୟକ ହୁଏ, ତେବେ ତାହାକୁ ଏକ ଉପଯୁକ୍ତ ଆବେଦନ ଭାବରେ ବିବେଚନା କରାଯାଇପାରିବ । କିନ୍ତୁ ଆବେଦନକାରୀଙ୍କୁ ଏହି ଦୁଇଟି ମାମଲା କ୍ୱଚିତ୍ ସାହାଯ୍ୟ କରିପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବାଦ ପତ୍ରରେ ଦର୍ଶାଯାଇଥିବା ତଥ୍ୟ ଅନୁସାରେ ତାଙ୍କ ଜ୍ୱାଇଁ ହକିର ଆଲାମ ଅଲ୍ଲୀଙ୍କ ନାମରେ ସୟଦ ଔଲାଦ ଅଲ୍ଲୀ ବେନାମୀ କ୍ରୟ କରିବା ପରେ ସେ ଏହି ସମ୍ପତ୍ତିର ଦଖଲରେ ରହିଥିଲେ, କିନ୍ତୁ ଏହି ଦଖଲ କୌଣସି ସମୟରେ ସ୍ୱୀକୃତିପ୍ରାପ୍ତ କ୍ରେତାଙ୍କ ପାଇଁ ପ୍ରତିକୂଳ ପ୍ରମାଣିତ ହୋଇଥିଲା ବୋଲି ଏଥିରେ କୁହାଯାଇନାହିଁ । ହାକିର ଆଲାମ ସୟଦ ଔଲାଦ ଅଲ୍ଲୀଙ୍କ ଜ୍ୱାଇଁ ଥିଲେ ଏବଂ ତାଙ୍କ ସହ ରହୁଥିଲେ । ସୟଦ ଔଲାଦ ଅଲ୍ଲୀ କେବେ ତାଙ୍କ

(1) I.L.R. 32 Pat. 353.

(2) A.I.R. 1957 Pat. 157.

ବିରୋଧରେ କୌଣସି ବିରୋଧୀ ସ୍ୱତ୍ୱ ଦାବି କରିଥିଲେ କିମ୍ବା ମାଲିକାନା ଏବଂ ଦଖଲ ସମ୍ବନ୍ଧରେ କେବେ ବିବାଦ ସୃଷ୍ଟି ହୋଇଥିଲା ବୋଲି କୌଣସି ସୂଚନା ନାହିଁ । ନିରନ୍ତରତା, ପ୍ରଚାର ଏବଂ ବ୍ୟାପକତାରେ ବିରୁଦ୍ଧ ଦଖଲ ପର୍ଯ୍ୟାପ୍ତ ହେବା ଆବଶ୍ୟକ ଏବଂ ଯେତେବେଳେ ଦଖଲ ବିରୁଦ୍ଧ ହୁଏ ସେତେବେଳେ ଅତିକମରେ ଏକ ପ୍ରାର୍ଥନା କରିବା ଆବଶ୍ୟକ ଅଟେ, ଯାହାଫଳରେ ପ୍ରଭାବିତ ପକ୍ଷଙ୍କ ବିରୁଦ୍ଧରେ ତମାଦି ର ପ୍ରାରମ୍ଭିକ ପ୍ରସଙ୍ଗ ମିଳିପାରିବ । ଯଦି ସର୍ବାଦୌ ଏପରି ହୋଇଥିଲା, ତେବେ ବିରୁଦ୍ଧ ଦଖଲ କେବେ ହୋଇଥିଲା, ତାହାର କୌଣସି ପ୍ରମାଣ ଏଠାରେ ନାହିଁ ଏବଂ "କିଛି 12 ବର୍ଷ" ପାଇଁ ନିରବଚ୍ଛିନ୍ନ ଦଖଲ ରହିଥିଲା କିମ୍ବା ବାଦୀ "ଏକ ସମ୍ପୂର୍ଣ୍ଣ ସ୍ୱତ୍ୱ" ହାସଲ କରିଥିଲେ ବୋଲି ପ୍ରତିକାର ଖଣ୍ଡରେ କେବଳ ଏହି ସୂଚନା, ଏପରି ଏକ ଆବେଦନ ଉପସ୍ଥାପନ କରିବା ପାଇଁ ଯଥେଷ୍ଟ ନଥିଲା । ଦୀର୍ଘକାଳୀନ ଦଖଲ ଅନିର୍ବାର୍ଯ୍ୟ ଭାବେ ବିରୁଦ୍ଧ ଦଖଲ ନୁହେଁ ଏବଂ ପ୍ରାର୍ଥନା ଧାରାଟି ଆବେଦନର ବିକଳ୍ପ ନୁହେଁ । ଉଦ୍ଧୃତ ମାମଲାଗୁଡ଼ିକ ଉପରେ ବିଚାର କରିବାର ଆବଶ୍ୟକତା ନାହିଁ, କାରଣ ପ୍ରତ୍ୟେକ ମାମଲାର ନିଷ୍ପତ୍ତି ସେହି ମାମଲାର ବାଦ ପତ୍ରରେ ଥିବା ଅଭିଯୋଗ ଉପରେ ନିର୍ଭର କରେ । ଏହା ଉଲ୍ଲେଖ କରିବା ଯଥେଷ୍ଟ ଯେ *ବିଷ୍ଣୁନ ଦୟାଳ* ବନାମ *କେଶୋ ପ୍ରସାଦ ଏବଂ ଅନ୍ୟ* [A.I.R. 1940 P.C. 202]ରେ, ଏକ ଉପଯୁକ୍ତ ଆବେଦନ ବିନା କ୍ରୟ ପରେ ଦଖଲ କରିବାର ବିକଳ୍ପ ମାମଲାକୁ ନ୍ୟାୟିକ କମିଟି ଗ୍ରହଣ କରିନଥିଲେ ।

ସମ୍ପୂର୍ଣ୍ଣ ଭାବେ ବାଦ ପତ୍ରକୁ ପଢ଼ି, ଆମେ ଉଚ୍ଚ ନ୍ୟାୟାଳୟଙ୍କ ସହ ସହମତ ଯେ କ୍ରୟ ପରେ ସମ୍ପତ୍ତିର ଦଖଲ ଉପରେ ଆଧାରିତ ମାମଲା ବାଦ ପତ୍ରରେ ଉଲ୍ଲେଖ କରାଯାଇନଥିଲା ଏବଂ ତେଣୁ, ଏହି ମାମଲାର ପରିସ୍ଥିତି ଉପରେ ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଉପଯୁକ୍ତ ଥିଲା । ଆବେଦନଟି ବିଫଳ ହୋଇଛି ଏବଂ ଖର୍ଚ୍ଚ ସହିତ ଖାରଜ ହୋଇଛି ।

*ଆବେଦନ ଖାରଜ ହେଲା ।*

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ